# NATIONAL NEWS BULLETIN (ODIA)

**5 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁତିନ୍ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଓ ବିଶ୍ୱ ପ୍ରସଙ୍ଗ ଉପରେ କଲେ ମତ ବିନିମୟ

- ୱାକଫ୍ ପୋର୍ଟାଲ୍‌ରେ ଏପର୍ଯ୍ୟନ୍ତ ୧ ଲକ୍ଷ ୫୧ ହଜାରରୁ ଅଧିକ ୱାକଫ୍ ସମ୍ପତ୍ତି ପଞ୍ଜୀକୃତ ହୋଇଥିବା ସୂଚନା

- ରେପୋରେଟ୍ ୨୫ ବେସିସ୍ ପଏଣ୍ଟ ହ୍ରାସ କଲେ ରିଜର୍ଭ ବ୍ୟାଙ୍କ

ଏବଂ

- ଏଫ୍‌ଆଇଏଚ୍ ହକିରେ ଆଜି ଅନୁଷ୍ଠିତ ହେବ ଭାରତ ଓ ବେଲ୍‌ଜିୟମ୍ ମଧ୍ୟରେ ମ୍ୟାଚ୍

# ପିଏମ୍-ପୁତିନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ମଧ୍ୟରେ ନୂଆଦିଲ୍ଲୀରେ ବୈଠକ ଅନୁଷ୍ଠିତ ହୋଇଛି । ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କରେ ଅଗ୍ରଗତି ସମୀକ୍ଷା କରିବା ସହ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଓ ବିଶ୍ୱ ପ୍ରସଙ୍ଗ ଉପରେ ମତ ବିନିମୟ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତ-ରୁଷ ମଧ୍ୟରେ ଗତ ୨୫ ବର୍ଷର ସଂପର୍କକୁ ପ୍ରଶଂସା କରି କହିଛନ୍ତି,

## V/O (Modi-25)

ଭାରତ ସବୁ ସମୟରେ ବିଶ୍ୱରେ ଶାନ୍ତି ସ୍ଥାପନ ଦିଗରେ ଆଗ୍ରହ ପ୍ରକାଶ କରିଆସିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## V/O (Modi India Eforts

ଆଲୋଚନା ପରେ ବାଣିଜ୍ୟ, ଅର୍ଥନୀତି, ସ୍ୱାସ୍ଥ୍ୟସେବା, ଶିକ୍ଷା, ସଂସ୍କୃତି ଏବଂ ଯୋଗାଯୋଗ ସହିତ ଜଡିତ କ୍ଷେତ୍ର ସମ୍ପର୍କିତ କେତେକ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି ।

ଆଜି ସକାଳେ ରାଷ୍ଟ୍ରପତି ଭବନରେ ରୁଷ ରାଷ୍ଟ୍ରପତି ପୁତିନଙ୍କୁ ଆନୁଷ୍ଠାନିକ ସ୍ୱାଗତ କରାଯାଇଥିଲା। ଶ୍ରୀ ପୁତିନ ରାଜଘାଟରେ ମହାତ୍ମା ଗାନ୍ଧୀଙ୍କ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଆଜି ସନ୍ଧ୍ୟାରେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରୁଷ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବେ ଏବଂ ତାଙ୍କ ସମ୍ମାନାର୍ଥେ ଏକ ନୈଶ୍ୟ ଭୋଜି ଆୟୋଜନ କରିବେ। ରାଷ୍ଟ୍ରପତି ପୁତିନ ୨୩ତମ ଭାରତ-ରୁଷ ବାର୍ଷିକ ଶିଖର ସମ୍ମିଳନୀ ପାଇଁ ଭାରତ ଗସ୍ତରେ ଆସି ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀରେ ପହଞ୍ଚିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ରୁଷ ରାଷ୍ଟ୍ରପତି ପୁତିନଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିଥିଲେ। ଶ୍ରୀ ପୁତିନ  ବିମାନବନ୍ଦରରେ ଭବ୍ୟ ସ୍ୱାଗତକୁ ପ୍ରଶଂସା କରିବା ସହ ଏହାକୁ ଅପ୍ରତ୍ୟାଶିତ ବୋଲି କହିଥିଲେ। ପରେ ଉଭୟ ନେତା ଗୋଟିଏ  କାରରେ ଏକାଠି ରାତ୍ରୀଭୋଜନ ପାଇଁ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ ଅଭିମୁଖେ ଯାତ୍ରା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ’ ଶ୍ରୀ ପୁତିନଙ୍କୁ ରୁଷୀୟ ଭାଷାରେ ଭଗବଦ୍ ଗୀତାର

ଏକ ପୁସ୍ତିକା ଉପହାର ଦେଇଥିଲେ। ଭାରତ ଏବଂ ରୁଷ ମଧ୍ୟରେ ଦୀର୍ଘଦିନ ହେବ ଐତିହାସିକ ସାଂସ୍କୃତିକ ସମ୍ପର୍କ ରହିଛି। ବିଭିନ୍ନ ଲେଖକ, ଦାର୍ଶନିକ, ଚିନ୍ତାନାୟକ ଏବଂ କଳାକାରମାନେ ଉଭୟ ଦେଶର  କଳା, ସଂସ୍କୃତି ଏବଂ ସମାଜ ଉପରେ ସେମାନଙ୍କ ସୃଷ୍ଟି ମାଧ୍ୟମରେ ପାରସ୍ପରିକ ପ୍ରଭାବ ପକାଇଛନ୍ତି। ଅନେକ ରୁଷୀୟ ବିଶ୍ୱବିଦ୍ୟାଳୟ ଏବଂ ପ୍ରତିଷ୍ଠାନ ଭାରତୀୟ ଭାଷା ଶିକ୍ଷା  ପ୍ରଦାନ କରନ୍ତି ।  ସୋଭିଏତ୍ ଯୁଗରେ ଭାରତୀୟ ସିନେମା ବିଶେଷ ଭାବରେ ସେଠାରେ ଲୋକପ୍ରିୟ ଥିଲା ଏବଂ ଅଧିକାଂଶ ପ୍ରମୁଖ ସହର ଓ ସହରାଞ୍ଚଳ କେନ୍ଦ୍ରଗୁଡ଼ିକରେ ଏହାର ପ୍ରଦର୍ଶନ ହେଉଥିଲା।

## ଆର୍‌ବିଆଇ-ରେପୋରେଟ୍

ଦେଶର ଆର୍ଥିକ ଅଭିବୃଦ୍ଧିକୁ ଆହୁରି ଗତିଶୀଳ କରିବା ପାଇଁ ଆଜି  ରିଜର୍ଭ ବ୍ୟାଙ୍କ ସୁଧ ହାରକୁ ୨୫ ବେସିସ୍ ପଏଣ୍ଟ ହ୍ରାସ କରି ୫.୨୫ ପ୍ରତିଶତ କରିଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଚଳିତ ଆର୍ଥିକ ବର୍ଷର ପଞ୍ଚମ ଦ୍ୱିମାସିକ ମୁଦ୍ରା ନୀତି ବୈଠକ ପରେ ଏହି ନିଷ୍ପତ୍ତି ଘୋଷଣା କରିଛନ୍ତି। ଏହାଦ୍ୱାରା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସହ ଗୃହ, ଅଟୋ ଏବଂ ବାଣିଜ୍ୟିକ ଋଣ ସମେତ ବିଭିନ୍ନ କ୍ଷେତ୍ରକୁ  ଶସ୍ତା କରିବ ବୋଲି ଆଶା କରାଯାଉଛି। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରିତ ମୁଖ୍ୟ ଖୁଚୁରା ମୁଦ୍ରାସ୍ଫୀତି ଗତ ତିନି ମାସ ଧରି ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ୨ ପ୍ରତିଶତ ତଳେ ରହିବା ପରେ ଏହି ହାର ହ୍ରାସ ପାଇଛି। ଭାରତର ଖୁଚୁରା ମୁଦ୍ରାସ୍ଫୀତି ଅକ୍ଟୋବର ୨୦୨୫ରେ ୦.୨୫ ପ୍ରତିଶତକୁ ହ୍ରାସ ପାଇଛି । ଫଳରେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଦ୍ୱିତୀୟ ତ୍ରୟମାସିକରେ ଦେଶର ଅର୍ଥନୀତି  ଆକଳନ କରାଯାଇଥିବା ୮ ଦଶମିକ ୨ ପ୍ରତିଶତଠାରୁ ଆଗରେ ରହିଛି ।  ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ

ପାଇଁ ଅଭିବୃଦ୍ଧି ଆକଳନକୁ  ୭.୩ ପ୍ରତିଶତକୁ ବୃଦ୍ଧି କରିଛି, ଯାହା ପୂର୍ବ ଆକଳନ ୬.୮ ପ୍ରତିଶତ ଥିଲା। କମିଟିର ସୁପାରିଶ ଆଧାରରେ, ରିଜର୍ଭ ବ୍ୟାଙ୍କ ପୂର୍ବରୁ ଫେବୃଆରୀ ଏବଂ ଏପ୍ରିଲରେ ପ୍ରତ୍ୟେକ ରେପୋ ହାରକୁ ୨୫ ବେସିସ୍ ପଏଣ୍ଟ ଏବଂ ଜୁନରେ ୫୦ ବେସିସ୍ ପଏଣ୍ଟ ହ୍ରାସ କରିଥିଲା ।

## ରିଜିଜୁ-ଓ୍ୱାକଫ

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି  ଉମିଦ ପୋର୍ଟାଲରେ ଏପର୍ଯ୍ୟନ୍ତ ଏକ ଲକ୍ଷ ୫୧ ହଜାରରୁ ଅଧିକ ଓ୍ୱାକଫ ସମ୍ପତ୍ତି ପଞ୍ଜିକୃତ ହୋଇଛି। ସେ କହିଛନ୍ତି,  ଓ୍ୱାକଫ ଆଇନ ତିଆରି ହେବାପରେ ମନ୍ତ୍ରଣାଳୟ ପକ୍ଷରୁ ଉମିଦ  ପୋର୍ଟାଲ ଆରମ୍ଭ କରାଯାଇଥିଲା ଏବଂ ସମସ୍ତ ଓ୍ୱାକଫ ସମ୍ପତ୍ତିକୁ ପୋର୍ଟାଲରେ ପଞ୍ଜିକୃତ କରିବା ପାଇଁ ସମ୍ପୃକ୍ତ ପକ୍ଷମାନଙ୍କୁ ଛଅ ମାସର ସମୟ ଦିଆଯାଇଥିଲା। ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରି ଶ୍ରୀ ରିଜିଜୁ କହିଛନ୍ତି, ଆଜି ପଞ୍ଜିକରଣର ଶେଷ ଦିନ ହୋଇଥିବା ବେଳେ  ଲକ୍ଷ ଲକ୍ଷ ସମ୍ପତ୍ତି ଏପର୍ଯ୍ୟନ୍ତ ପଞ୍ଜିକୃତ ହୋଇନାହିଁ। ମନ୍ତ୍ରୀ ସମସ୍ତ ମୁତାଓ୍ୱାଲିଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ଆଗାମୀ ତିନି ମାସ ପାଇଁ, ମନ୍ତ୍ରଣାଳୟ ଉମିଦ  ପୋର୍ଟାଲରେ ପଞ୍ଜିକୃତ ଲୋକଙ୍କ ଉପରେ କୌଣସି ଜୋରିମାନା ଲାଗୁ କରିବ ନାହିଁ କିମ୍ବା କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ନାହିଁ।

**V/O (Rijiju)**

## ପ୍ରେଜ୍-ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୩ ଏବଂ ୨୦୨୪ ବର୍ଷ ପାଇଁ ହସ୍ତଶିଳ୍ପ ପୁରସ୍କାର ପ୍ରଦାନ କରିବେ। ଆସନ୍ତା ୯ ତାରିଖରେ ନୂଆଦିଲ୍ଲୀରେ ବିଶିଷ୍ଟ କାରିଗରମାନଙ୍କୁ ସମ୍ମାନିତ କରାଯିବ । କାର୍ଯ୍ୟକ୍ରମରେ  ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ଏବଂ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଉପସ୍ଥିତ ରହିବେ। ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ପୁରସ୍କାରଗୁଡ଼ିକ ଅତୁଳନୀୟ କଳାତ୍ମକ ଉତ୍କର୍ଷତାକୁ ସ୍ୱୀକୃତି ଦେଇଥାଏ ଏବଂ ଦେଶର ସମୃଦ୍ଧ ଓ ବିବିଧ ହସ୍ତଶିଳ୍ପ ଐତିହ୍ୟର ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ  ପ୍ରକାଶ କରିଥାଏ । ଜାତୀୟ ହସ୍ତଶିଳ୍ପ ସପ୍ତାହ ପାଳନର ଅଂଶ  ଭାବରେ, ଭାରତର କାରିଗରମାନଙ୍କୁ ସମ୍ମାନ ସ୍ୱରୂପ ଏବଂ ହସ୍ତଶିଳ୍ପର ସ୍ଥାୟୀ ସାଂସ୍କୃତିକ ଗୁରୁତ୍ୱକୁ ପାଳନ କରିବା ନିମନ୍ତେ ପ୍ରତିବର୍ଷ ଡିସେମ୍ବର ୮ ତାରିଖରୁ ଜାତୀୟ ହସ୍ତଶିଳ୍ପ ସପ୍ତାହ ପାଳନ କରାଯାଏ।

## ଇଣ୍ଡିଗୋ ଫ୍ଲାଇଟ୍ କ୍ୟାନ୍ସେଲ୍

ଦିଲ୍ଲୀ ବିମାନବନ୍ଦରରୁ ଛାଡିବାକୁ ଥିବା ଇଣ୍ଡିଗୋ ଘରୋଇ ବିମାନଗୁଡ଼ିକୁ ଆଜି ମଧ୍ୟରାତ୍ରି ପର୍ଯ୍ୟନ୍ତ ବାତିଲ କରାଯାଇଛି। ସୂଚନା ଅନୁଯାୟୀ,  ଅନ୍ୟ ସମସ୍ତ କମ୍ପାନୀର ବିମାନ ନିର୍ଦ୍ଧାରିତ ସମୟରେ ଉଡ଼ାଣ କରିବ ।  ବିମାନ ବନ୍ଦର କର୍ତ୍ତୃପକ୍ଷ ଲୋକମାନଙ୍କୁ ସର୍ବଶେଷ ଉଡ଼ାଣ ସ୍ଥିତି ପାଇଁ ସରକାରୀ ୱେବସାଇଟ୍ newdelhiairport.in ଯାଞ୍ଚ କରିବାକୁ ପରାମର୍ଶ ଦେଇଛନ୍ତି।

## ଇଣ୍ଡିଆ-କାନାଡା

କାନାଡାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ  ଦିନେଶ କୁମାର ପଟ୍ଟନାୟକ’ କାନାଡାର ଜନସୁରକ୍ଷା ମନ୍ତ୍ରୀ ଗ୍ୟାରି ଆନନ୍ଦସାଙ୍ଗରୀଙ୍କ ସହ ଦୁଇ ଦେଶ ମଧ୍ୟରେ ସୁରକ୍ଷା ଏବଂ ଆଇନ ପ୍ରବର୍ତ୍ତନ ସହଯୋଗକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଛନ୍ତି।  ଏହି ବୈଠକ ଭାରତ ଏବଂ କାନାଡା ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ଗଭୀର କରିବାରେ ଆଉ ଏକ ପଦକ୍ଷେପ ବୋଲି ଦର୍ଶାଯାଇଛି।  ଓଟାୱାରେ ଥିବା ଭାରତୀୟ ହାଇକମିଶନ କହିଛନ୍ତି , ଆଲୋଚନା କାଳରେ ଖଣି, ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟ ଏବଂ ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ନିବେଶ ବୃଦ୍ଧି କରିବା ସହିତ ଭାରତ ଏବଂ କାନାଡା ମଧ୍ୟରେ କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟା, ଜୀବନ ବିଜ୍ଞାନ ଏବଂ ସୁନା ରପ୍ତାନିରେ ସହଯୋଗକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱପ୍ରଦାନ କରାଯାଇଛି ।

## ନଡ୍ଡା-ପାର୍ଲାମେଣ୍ଟ

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଆଜି ଲୋକସଭାରେ  ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ପାଣ୍ଠି ରାଜ୍ୟ ଗୁଡ଼ିକ ସଠିକ୍ ଭାବେ ବ୍ୟବହାର କରୁନଥିବା କହିଛନ୍ତି । ଲୋକସଭାରେ ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ  ଶ୍ରୀ ନଡ୍ଡା କହିଛନ୍ତି,  କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ବିଭିନ୍ନ ରାଜ୍ୟ ସରକାରଙ୍କୁ ୬୪ ହଜାର କୋଟି ଟଙ୍କା ଦିଆଯାଇଥିଲା, କିନ୍ତୁ ରାଜ୍ୟଗୁଡ଼ିକ କେବଳ ୩୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ,୨୦୧୭ରେ

କେନ୍ଦ୍ର ସରକାରଙ୍କ ଜିଡିପିର ୨.୫ ପ୍ରତିଶତ ଖର୍ଚ୍ଚ କରିବାର ନିଷ୍ପତ୍ତି ସତ୍ତ୍ୱେ ଏପର୍ଯ୍ୟନ୍ତ କେବଳ ୧.୯ ପ୍ରତିଶତ ଖର୍ଚ୍ଚ ହୋଇଛି।

# ୟୁଏନ୍-ଫ୍ଲଡ୍ ଆସିଷ୍ଟାନ୍ସ

ପ୍ରଳୟଙ୍କରୀ ବନ୍ୟା ଏବଂ ଭୂସ୍ଖଳନରେ ୧୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏବଂ ପ୍ରାୟ ୧୧ ନିୟୁତ ଲୋକ ପ୍ରଭାବିତ ହେବା ପରେ ଜାତିସଂଘ ଅନେକ ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକୁ ସହାୟତା ବୃଦ୍ଧି କରିଛି। ଜାତିସଂଘର ଜଣେ ମୁଖପାତ୍ର କହିଛନ୍ତି, ଶ୍ରୀଲଙ୍କାରେ, ଜାତିସଂଘ ଏବଂ ଅଂଶୀଦାରମାନେ ଖାଦ୍ୟ, ସ୍ୱଚ୍ଛତା କିଟ୍, ପାଣି ଟ୍ୟାଙ୍କ ଏବଂ କ୍ଷୟକ୍ଷତି ମୂଲ୍ୟାଙ୍କନ ସହିତ ସରକାରଙ୍କ ନେତୃତ୍ୱରେ ରିଲିଫ୍ ପ୍ରୟାସକୁ ସମର୍ଥନ କରୁଛନ୍ତି। ଜାତିସଂଘ ଭିଏତନାମର ସବୁଠାରୁ କ୍ଷତିଗ୍ରସ୍ତ ପ୍ରଦେଶଗୁଡ଼ିକୁ ସହାୟତା କରିବା ପାଇଁ କେନ୍ଦ୍ରୀୟ ଜରୁରୀକାଳୀନ ପ୍ରତିକ୍ରିୟା ପାଣ୍ଠିରୁ ୨.୬ ନିୟୁତ ଆମେରିକୀୟ ଡଲାର ଆବଣ୍ଟନ କରିଛି, ଯାହା ଆଶ୍ରୟସ୍ଥଳ, ପାଣି, ପରିମଳ ଏବଂ ଖାଦ୍ୟ ସୁରକ୍ଷା ଉପରେ ଧ୍ୟାନ ଦେବ। ଇଣ୍ଡୋନେସିଆର ଆଚେ ଅଞ୍ଚଳରେ, ଗମ୍ଭୀର ବନ୍ୟା ଯୋଗୁଁ ପରିବହନ ବାଧାପ୍ରାପ୍ତ ହେଉଥିବାରୁ ଜାତିସଂଘ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ଜାରି ରଖିଛି।

# ଏଫ୍ଆଇଏଚ୍ ହକି

ଏଫଆଇଏଚ ହକି ପୁରୁଷ ଜୁନିଅର ବିଶ୍ୱକପ୍ ୨୦୨୫ର ଆଜି ସେମିଫାଇନାଲ୍‌ରେ ଚେନ୍ନାଇର ଏଗମୋରରେ ଭାରତ ଏବଂ ବେଲଜିୟମ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ପୂର୍ବରୁ ଭାରତ ଚିଲିକୁ ୭-୦, ଓମାନକୁ ୧୭-୦ ଏବଂ ସ୍ୱିଜରଲ୍ୟାଣ୍ଡକୁ ୫-୦ରେ ପରାସ୍ତ କରିଛି।

ଏପର୍ଯ୍ୟନ୍ତ ଭାରତ ପକ୍ଷରୁ ମୋଟ୍ ୨୯ଟି ଗୋଲ୍ କରାଯାଇଥିବା ବେଳେ ଅନ୍ୟ କୌଣସି ଦଳ ଏତେ ସଂଖ୍ୟକ ଗୋଲ୍ କରିପାରି ନାହାନ୍ତି ।

ବେଲ୍‌ଜିୟମ୍ ପ୍ରଥମ ମ୍ୟାଚ୍‌ରେ ନାମ୍ବିଆକୁ ୧୨-୧, ଇଜିପ୍ଟକୁ ୧୦-୦ରେ ପରାସ୍ତ କରିଥିବା ବେଳେ ସ୍ପେନ୍ ଠାରୁ ୦-୨ ଗୋଲ୍‌ରେ ପରାସ୍ତ ହୋଇଥିଲା ।